(177)

# DIRECTORATE OF COOPERATIVE AUDIT: ODISHA: BHUBANESWAR.

Letter No. VI (I) 1/2016 6748 / Audit-8 Dated. 10/11/16

To

The Assistant Auditor General of Cooperative
Societies of circles.

Sub: Operational Guidelines for construction of office buildings of PACS.

Madam/Sir,

Please find herewith enclosed the operational Guidelines for Construction of office buildings of PACS with Government assistance received from state budget, as approved by Government in Cooperation Department Letter No-7809 dtd.24.10.2016, both in English and Oriya Versions.

You are requested to discuss the contents of the operational guidelines in the monthly staff meeting and circulate a copy of the same to the auditors under administrative control with instructions to examine the adherence of the guidelines for construction of office building by PACS in course of audit of such societies and suitably reflect the observations in the Audit Report.

Yours faithfully

Prasanna 10.11.16

Auditor General

Cooperative Societies, Odisha.

Memo No. 6749 / Dated. 10/11/16 /

Copy with copy of operational guidelines for construction of office building of PACS, duly approved by Government is forwarded to I/C Computer Cell for displaying the same in the website of this Directorate.

10/11/2016

Deputy Auditor General of
Cooperative Societies, Odisha.

Copy with enclosures to Audit-6

5 S.C with enclosures

**AKS.09.11.2016**

**GOVERNMENT OF ODISHA**
**COOPERATION DEPARTMENT**

***

No. VCR-13/2016 /Coop., Date:

From

Shri B. Raghab Rao
Joint Secretary to Government

To

The Registrar of Cooperative Societies
Odisha, Bhubaneswar

Sub: Operational guidelines for construction of office buildings of PACS/ LAMPCS with Government assistance received from the State Budget

Ref: Your Letter No.14253 dated 19.07.2016

Sir,

With reference to the letter cited above, I am directed to say that the operational guidelines for construction of office buildings of PACS/ LAMPCS duly approved by the Government (as enclosed) may kindly be followed for the construction of office building of PACS/ LAMPCSs with Government assistance received from the State Budget.

Yours faithfully

Joint Secretary to Government

Memo NO. 7810 Coop., Date: 24.10.16

Copy alongwith enclosures forwarded to AGCS, Odisha, Bhubaneswar/ MD, OSCB Ltd., Bhubaneswar for information and necessary action.

Joint Secretary to Government

C-5/JS/Operational Guidelines.docx

729

1385

# Operational Guidelines
# for
# Construction of Office Building of PACS/LAMPCS with government assistance received from the State budget.

## 1. Introduction :

The proposal for provision of office Building of PACS/LAMPCS is contemplated keeping in view of the objective of the Government to make the Cooperative Society at the grass root level vibrant in providing various public services. Presently, the functions of the PACS/LAMPCS have become multifarious. These cooperative institutions are doing business like functioning of crop loan, paddy procurement, seed business, fertiliser business & supply of agricultural implements to the needy farming community and deposit tapping from the members of the concerned PACS for their financial improvement. It is conceptualised that many more such agricultural and other related services will be entrusted to the PACS/LAMPCS in a phased manner for sustaining agricultural & farmers' development in the state. Now it has been decided to accomplish the computerization of all PACS/LAMPCS by end of this financial year to strengthen PACS & bring transparency in their operations. For this purpose the standard and uniform design of office building is required with proper electrification & water proof for maintenance & safety of computers & other hardware assets and to render services to the members of the societies effectively to make it as one stop centre. So own office buildings with godown facilities have become a bare necessity for those are functioning in rented buildings.

## 2. Requirement of office building a of PACS/LAMPCS having no office building of their own :

It has been assessed by the O/o the RCS(O) that out of 2709 PACS/LAMPCS in the state 759 PACS/LAMPCS do not have their own office buildings and are functioning in rented buildings. The societies which have been identified on the basis of their need

having own land or applied for allotment ...
Department / Cooperative Societies. PACS/LAMPCS have been given priority.

**3. Project Targets :**

This scheme is aimed to construct 759 nos. of office building of PACS/LAMPCS, having no office building of their own in phase manner subject to availability of lands. The source of funding will be in shape of Grant in Aid to be provided by the State Government from the Budget of the Cooperation Department. During the financial year 2015-16 an amount of Rs. 3,95,50,000/- was sanctioned for construction of 113 number of office buildings of PACS/LAMPCS and there is budget provision amounting to Rs. 5.00 crores during the financial year 2015-16. Accordingly two model office building for construction at PACS level and it's plan, design & estimate have been prepared by Engineering Cell of OSAM Board. One model plan & estimate of office building (34.65 Sqm) without sanitary facilities, the unit cost will be approximately Rs. 3.50 lakhs, having two office rooms with size of 3.25 x 4.45 Mt and 3.25 x 3.00 Mt and one verandah of 3.00 x 1.20 Mt and for another model, plan & estimate of office building with toilet block & sanitary fittings, the unit cost will be approximately Rs 5.00 Lakhs having two rooms with size of 3.50 x 5.15 Mt and 3.50 x 3.35 Mt and one verandah of 3.50 x 1.50 Mt. Accordingly RCC footing, grade beam, lintel & RCC slab and fly ash brick masonary etc have been provided in the estimate with minimum lead & lift of materials. The OH charges & labour cess have been included in the estimate as per the present S/R. The ODSS will be followed during execution of the works. The copy of detailed model estimate, plan & design for construction of two types of office building at PACS level prepared by Engineering cell of OSAM Board are enclosed.

After closure of the project, there is no necessity for release of assistance from the Government in subsequent years. The later maintenance will be borne by the concerned PACS/LAMPCS. The management of society concerned shall decide which of the above model plan, design & estimate to be adopted before taking up construction of office building for their society and also shall obtain prior approval of concerned DRCS,

subject to condition that the excess amount shall be borne by concerned society out o funds received on paddy procurement commission beyond the amount released from the state Govt. as grant-in-aid for the purpose. In no circumstances the office building shal remain incomplete & unutilised. The local department officers must ensure that no costly and unnecessary equipments will be expended by the concerned society.

**4. Agencies of the Scheme :**

i) RCS (O) will function as Nodal Officer for implementation of the scheme.

ii) Concerned PACS/LAMPCS will be the executing agencies.

iii) Concerned Circle ARCS & Divisional DRCS will monitor/coordinate the project work and ensure the Govt land alienation / ROR in the name of the PACS.

**5. The Role & Duties of the Executing Agency :**

i) The amount sanctioned by the Govt. for the purpose of construction of office buildings is to be credited to a separate building account of societies concerned.

ii) The management of the PACS shall pass resolution for construction work as per one of the model office building plan, design & estimate prepared by Engineering Cell of OSAM Board and takes approval of concerned DRCS prior to start of construction work.

iii) A committee is to be constituted consisting of the President of the concerned PACS, one member of the Board of the Management of PACS, the Branch Manager of concerned Branch of DCCB and CEO of the concerned block to oversee and supervise the construction work of the office building of that society. In case the CEO post is lying vacant, one ICS/SARCS may be nominated by the concerned circle ARCS to the Committee.

iv) The Secretary of the Society is to maintain all the accounts of expenditure of the construction work with accountability to the Committee.

v) No advance will be given to any office bearer of the society & member of committee under any circumstances for the construction purpose and funds can't be utilised for other purpose. Payment shall made against receipt / bills and muster role for labour engaged for the work.

vi) The committee is to meet on fortnight basis under the Chairmanship of the President of the society to be convened by the Secretary of the society. The secretary shall prepare and submit the progress report every month indicating the status of physical progress, residual work & expenditure incurred to concerned Circle ARCS and Divisional DRCS.

vii) The JE/AE of PanchayatiRaj/Rural Development/PWD/Irrigation Deptt. of OSAM Board may be requested to supervise / guide the construction works & their presence to be ensured at the time of foundation, roof casting and concrete work.

viii) Check measurement of the work performed by the societies is to be done by the Engineering Personnel of PanchayatiRaj / Rural Development / PWD / Irrigation Department working at the Block level or Engineering Cell of OSAM Board & submit a copy of measurement book countersigned by members of committee constituted for the above purpose to the concerned ARCS for record.

ix) The Executing Agency will utilize the fund & submit Utilization Certificate to RCS (O) as per OGFR Rule & Form, countersigned by concerned circle ARCS and Divisional DRCS along with project completion report in the prescribed format for detail information along with photograph within a month of completion of the project.

x) If the allotted funds will not be utilized, then the entire amount shall be refunded with interest accrued.

**6. Quality Control :**

The quality of the office building work will be the responsibility of the executing agency. Periodical evaluation on fortnight basis will be taken up by the concerned circle ARCS &

Divisional DRCS. After completion of the scheme, there is no necessity for release of assistance from the Government in subsequent year. The later maintenance will be borne by the concerned PACS/LAMPCS.

**7. Time Scheduled :**

The construction work of office building should be completed within 4 months. In no circumstances the office building shall remain incomplete and unutilised and further responsibility shall be fixed on management of the society and recoverable from them.

**8. Role of Implementing Agency :**

i) RCS (O) is competent to approve any deviation/revision of cost estimates basing on site/soil condition and excess project cost after check measurement and may authorise to concerned DRCS for approval of the plan & estimate based on the model plan & estimate prepared by Engineering cell of OSAM Board after due consent of Engineer working at block level.

ii) The RCS (O) will monitor the project and ensure that the project is going on as per approved cost of estimates and norms fixed for the project.

**ସରକାରୀ ଆର୍ଥିକ ସହାୟତାରେ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ବୃହଦାକାର ବହୁମୁଖୀ ଆଦିବାସୀ ସମବାୟ ସମିତି (LAMPCS) ନିମନ୍ତେ ଅଫିସ୍ ଗୃହ ନିର୍ମାଣ ପାଇଁ କାର୍ଯ୍ୟ ସମ୍ପାଦୟ ମାର୍ଗଦର୍ଶିକା ନୀତିମାନ**

**୧. ଉପକ୍ରମଣିକା :-**

ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ବୃହଦାକାର ବହୁମୁଖୀ ଆଦିବାସୀ ସମ୍ବାୟ ସମିତି (LAMPCS) ମାଧ୍ୟମରେ ରାଜ୍ୟର ଜନତାଙ୍କୁ ତୃଣମୂଳ ସ୍ତରରେ ବିଭିନ୍ନ ସାଧାରଣ ସେବା ଯୋଗାଇ ଦେବା ଆଭିମୁଖ୍ୟ ନେଇ ଏହି ସମବାୟ ସଂସ୍ଥାଗୁଡିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସରକାର PACS/LAMPCS ମାନଙ୍କର ନିଜସ୍ୱ ଅଫିସ ଗୃହ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଅଛନ୍ତି । ବର୍ତ୍ତମାନ ଏହି ସମବାୟ ସମିତି ତୃଣମୂଳ ସ୍ତରରେ ବହୁବିଧ କାର୍ଯ୍ୟ ସମ୍ପାଦନ କରୁଅଛନ୍ତି । ଏହି ସମବାୟ ସମିତି ଗୁଡିକ ମୁଖ୍ୟତଃ କୃଷିଋଣ, ଧାନସଂଗ୍ରହ, ବିହନ ବିକ୍ରୟ, ସାର ଯୋଗାଣ, ଶସ୍ୟ ବିପଣନ, ଶସ୍ୟ ସରକ୍ଷଣ ପାଇଁ ଗୋଦାମ ଗୃହ ବ୍ୟବସ୍ଥା ଏବଂ କୃଷି ଯନ୍ତ୍ରପାତି ଉପକରଣ ଯୋଗାଣ ଆଦି କାର୍ଯ୍ୟକରି ରାଜ୍ୟର ଚାଷିମାନଙ୍କର ଆବଶ୍ୟକତାକୁ ଅନେକାଂଶରେ ପୂରଣ କରିବା ସହିତ ସଭ୍ୟମାନଙ୍କ ଠାରୁ ଜମା ସଂଗ୍ରହ କରି ସେମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରୁଛି । ଏହା ସହିତ ଗ୍ରାମିଣ ସ୍ତରରେ କୃଷି ଓ ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ର ସମ୍ବନ୍ଧୀୟ ସେବାମାନ ଯୋଗାଇବା ଦାୟିତ୍ୱ ଏହି ସମବାୟ ସମିତିମାନଙ୍କୁ ନ୍ୟସ୍ତକରି ରାଜ୍ୟର କୃଷି ଓ ଆନୁସଙ୍ଗିକ କୃଷିର ସାମଗ୍ରିକ ବିକାଶ ନିମନ୍ତେ ସରକାର ଅନେକ ପଦକ୍ଷେପ ନେଉଅଛନ୍ତି । ବର୍ତ୍ତମାନ ରାଜ୍ୟସରକାରଙ୍କ ଆର୍ଥିକ ସହାୟତାରେ ଚଳିତ ବର୍ଷ ଶେଷସୁଦ୍ଧା ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି (PACS & LAMPCS) ର କମ୍ପ୍ୟୁଟରୀକରଣ ମାଧ୍ୟମରେ ଏହାର କାର୍ଯ୍ୟ ପ୍ରଣାଳୀକୁ ସହଜ କରିବା ସହ ସ୍ୱଚ୍ଛତା ଆଣିବା ପାଇଁ ବ୍ୟବସ୍ଥା କରାଯାଇଅଛି । ଏହି ଉଦ୍ଦେଶ୍ୟ ଗୁଡିକର ସାଧିତ ନିମନ୍ତେ ଯେଉଁ PACS/LAMPCS ର ନିଜସ୍ୱ ଗୃହ ନଥିବ ସେଠାରେ ଏକ ନିର୍ଦ୍ଦିଷ୍ଟ ମାନକ ଏବଂ ଗୋଟିଏ ପ୍ରକାର ନକ୍ସା ଅନୁଯାଇ ନିଜସ୍ୱ ଅଫିସ ଗୃହର ବ୍ୟବସ୍ଥା

କରାଯାଇ ସେଥିରେ ଉପଯୁକ୍ତ ବିଦ୍ୟୁତକରଣ ବ୍ୟବସ୍ଥା ରଖାଯିବ ଫଳରେ କମ୍ପ୍ୟୁଟର ଓ ଅନ୍ୟାନ୍ୟ କାଗଜାତର ଉପଯୁକ୍ତ ରକ୍ଷଣାବ୍ୟକ୍ଷଣ ଓ ନିରାପଦ ରହିବା ସହ ଗ୍ରାମ୍ୟ ସ୍ତରରେ ଏହି ସମିତି ଗୁଡିକ ଏକକ କେନ୍ଦ୍ର ରୂପେ (One stop Centre) କାର୍ଯ୍ୟକରି ଏହାର ସଭ୍ୟମାନଙ୍କର ସମସ୍ତ ଆବଶ୍ୟକତାକୁ ସଫଳ ଭାବେ ପୂରଣ କରିବାରେ ସମର୍ଥ ହେବ । ଏଣୁ ଯେଉଁ PACS/ LAMPCS ଗୁଡିକର ନିଜସ୍ୱ କାର୍ଯ୍ୟାଳୟ ଗୃହ ନଥିବ ଏହା ଭଡା ଘରେ କାର୍ଯ୍ୟ କରି ଆସୁଛନ୍ତି ସେମାନଙ୍କର ନିଜସ୍ୱ ଅଫିସ ଗୃହରେ ଚାଲିବା ନିତ୍ୟାନ୍ତ ଦରକାର ।

**୨. ନିଜସ୍ୱ କାର୍ଯ୍ୟାଳୟ ଗୃହ ନଥିବା ପ୍ରାଥମିକ କୃଷି ସମବାୟ ସମିତିମାନଙ୍କର ଆକଳନ :-**

ରାଜ୍ୟ ସମବାୟ ସମିତି ସମୂହ, ନିବନ୍ଧକ ଓଡ଼ିଶାଙ୍କ ଆକଳନ ଅନୁଯାୟୀ ରାଜ୍ୟରେ କାର୍ଯ୍ୟ କରୁଥିବା ମୋଟ ୨୭୦୯ ଗୋଟି PACS/LAMPCS ମଧ୍ୟରୁ ୭୫୯ ଗୋଟି ସମିତିରେ ନିଜସ୍ୱ କାର୍ଯ୍ୟାଳୟ ଗୃହ ନଥିବା ଏବଂ ଏହା ଭଡାଘରେ ଚାଲୁଥିବା ଜଣାଯାଏ । ସେଥିରୁ ଯେଉଁ ସମିତିମାନଙ୍କର ନିଜସ୍ୱ ଜମି ଥିବା କିମ୍ବା ସରକାରୀ ଜମି ହସ୍ତାନ୍ତରଣ କରିବା ପାଇଁ ପ୍ରସ୍ତାବ ପାଇଯାଇଛନ୍ତି ସେହି ସମିତି ଗୁଡିକରେ ସରକାରୀ ଆର୍ଥିକ ସହାୟତାରେ ଅଫିସଗୃହର ନିର୍ମାଣ ପାଇଁ ଅଗ୍ରାଧିକାର ଦିଆଯିବ ।

**୩. ପ୍ରକଳ୍ପ ଲକ୍ଷ୍ୟ (Projects targets)**

ଏହି ଯୋଜନାର ଲକ୍ଷ୍ୟ ହେଉଛି ପର୍ଯ୍ୟାୟକ୍ରମେ ନିଜସ୍ୱ ଅଫିସ୍‌ଗୃହ ନଥିବା ୭୫୯ ଗୋଟି PACS/LAMPCS ରେ ନିଜସ୍ୱ ଅଫିସଗୃହ ନିର୍ମାଣ ଏବଂ ଏଥିନିମନ୍ତେ ଆବଶ୍ୟକ ଜମିର ଉପଲବ୍ଧ ସର୍ତ୍ତ ସାପେକ୍ଷ ରହିବ ।

ସମିତି ଅଫିସ ଗୃହ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଅର୍ଥ, ସମବାୟ ବିଭାଗଟ ବଜେଟ୍‌ରୁ ସରକାରୀ ଅନୁଦାନ ହିସାବରେ ପ୍ରଦାନ କରାଯିବ । ଏଥିନିମନ୍ତେ ୨୦୧୫-

୧୬ ଆର୍ଥିକ ବର୍ଷରେ ମୋଟ ୧୧୩ PACS ରେ ଅଫିସ୍ ଗୃହ ନିର୍ମାଣ ନିମନ୍ତେ ମୋଟ ୩,୯୫,୫୦,୦୦୦/- ଟଙ୍କା ମଞ୍ଜୁର କରାଯାଇଅଛି ଏବଂ ଚଳିତ ଆର୍ଥିକ ୨୦୧୬-୧୭ ବର୍ଷରେ ଟ.୫.୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି ।

ରାଜ୍ୟ କୃଷି ବିପଣନ ପରିଷଦ, ଓଡ଼ିଶାଙ୍କ Engineering ବିଭାଗ ଦ୍ୱାରା ସମିତି ନିମନ୍ତେ ଦୁଇ (୨) ଗୋଟି ଆଦର୍ଶ ପକ୍କା ଅଫିସଗୃହର ନକ୍ସା, ରେଖାଙ୍କ ଓ ପ୍ରାକ୍କଳନ (Model design, Plan and estimate) ପ୍ରସ୍ତୁତ କରାଯାଇଅଛି, ଯାହାର ଏକ ଅଫିସ୍ ଗୃହର ମଡେଲର ନକ୍ସାର (34.65Sqm)ଏକକ ଖର୍ଚ୍ଚ (Unit cost) ଅଟକଳ ପ୍ରାୟତଃ ଟ.୩.୫୦ ଲକ୍ଷ ଅଟେ ଏବଂ ଏଥିରେ ୨ଟି କୋଠରୀର ଆକାର ଯଥା ୩.୨୫ X ୪.୪୫ ମିଟର ଏବଂ ୩.୨୫ X୩.୦୦ ମିଟର ଏବଂ ଏକ ବାରଣ୍ଡାର ୩.୦୦ X ୧.୨୦ମିଟର ଅଟେ କିନ୍ତୁ ଏଥିରେ Toilet Block ର ପ୍ରାବଧାନ ନାହିଁ ଏବଂ ଅନ୍ୟ ଏକ ପ୍ରସ୍ତୁତ ମଡେଲ ନକ୍ସାର (43.79 Sqm) ଯାହାର ଏକକ ଖର୍ଚ୍ଚ (Unit cost) ଅଟକଳ ପ୍ରାୟତଃ ଟ୫.୦୦ ଲକ୍ଷ ଟଙ୍କା ଅଟେ , ଯାହାର ୨ ଗୋଟି କୋଠରୀର ଆକାର ଯଥା ୩.୫୦ ମିଟର X ୫.୧୫ ମିଟର ଓ ୩.୫୦ ମିଣର X ୩.୩୫ ମିଟର ଏବଂ ବାରଣ୍ଡାର ମାପ ୩.୫୦ ମିଟର X ୧.୫୦ ମିଟର ସହିତ ଏକ ପରିମଳ ବ୍ୟବସ୍ଥା ସୁବିଧା ରହିଅଛି । ଏହି ଅନୁଯାୟୀ RCC footing, grade beam, lintel & RCC Slab and flyash brick massonary with minimum lead & lift Materials, OH charges, Labourcess ଆଦି Scheduled Rate ଅନୁଯାୟୀ ପ୍ରାବଧାନ ରଖାଯାଇ ବର୍ତ୍ତମାନର estimate ପ୍ରସ୍ତୁତ ହୋଇଅଛି । ଏହି ୨ ପ୍ରକାର ମଡେଲ ଅଫିସଗୃହର design, Plan ଓ ବିଭିନ୍ନ ଉପାଦାନର ବିସ୍ତୃତ estimate statement ର ନକଲ ଏହି ମାର୍ଗଦର୍ଶିକା ସହ ସଂଲଗ୍ନ କରାଯାଇଅଛି ।

ଏହି ଦୁଇଟି ମଡେଲର ଅଫିସଗୃହ ନକ୍ସା ମଧ୍ୟରୁ ସମିତି କେଉଁ ମଡେଲ ଅଫିସ ଗୃହ ନିର୍ମାଣ କରିବ ତାହା ସମିତିର ପରିଚାଳନା ପରିଷଦ ନିଜର ନିଜସ୍ୱ ସମ୍ବଳ

ଦୃଷ୍ଟିରେ ରଖି ନିଷ୍ପତି ନେବା ସହ ସଂପୃକ୍ତ DRCS ଙ୍କ ଅନୁମୋଦନ ଆବଶ୍ୟକ । ଅନୁମୋଦିତ ଖର୍ଚ୍ଚ ଅଟକଳରୁ ଯଦି ସମିତିକୁ ଏହି ଉଦ୍ଦେଶ୍ୟରେ ମିଳିଥିବା ସରକାରୀ ଅନୁଦାନ ଅର୍ଥଠାରୁ ଅଧିକ ହେଉଥାଏ, ତେବେ ତାହା ସମିତି ନିଜସ୍ୱ ଆର୍ଥିକ ସମ୍ବଳରୁ (ଧାନ ସଂଗ୍ରହରୁ ମଳିଥିବା କମିଶନ ଅର୍ଥ) ବିନିଯୋଗ କରିବା ସର୍ତ୍ତସାପେକ୍ଷ ଅଟେ । ଅନୁମୋଦିତ ଖର୍ଚ୍ଚ ଅଟକଳ ଠାରୁ ସମିତିଗୁଡିକ ମୂଲ୍ୟବାନ ତଥା ଅନାବଶ୍ୟକ ସାଜସରାଞ୍ଜାମରେ ବ୍ୟୟ ରୋକାଯିବା ପ୍ରତି ସ୍ଥାନୀୟ ବିଭାଗୀୟ ଅଧିକାରୀ ଦୃଷ୍ଟି ରଖିବେ ।

ଏହି ଅଫିସ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ପରେ ଏହାର ଉପଯୁକ୍ତ ବିନିଯୋଗ ନହେବା କିମ୍ବା କୌଣସି କାରଣରୁ ନିର୍ମାଣ କାର୍ଯ୍ୟ ଅସପୂର୍ଣ୍ଣ ରହିଲେ, ପରିଚାଳନା ପରିଷଦ ପୂର୍ଣ୍ଣରୂପେ ଦାୟୀ ରହିବ ଏବଂ ଏହି ଅର୍ଥ ଆଦାୟ ଯୋଗ୍ୟ ଦର୍ଶାଯିବ ଏହି ଅଫିସଗୃହର ପରବର୍ତ୍ତୀ ଅବସ୍ଥାର ରକ୍ଷଣାବ୍ୟକ୍ଷଣ ଦାୟିତ୍ୱ ସମିତି ନିଜେ ବହନ କରିବ ।

ଠ. ଯୋଜନା କାର୍ଯ୍ୟକାରୀ ମାଧ୍ୟମ ସଂସ୍ଥା **(Agencies of the Schemes)-**

(କ) ନିବନ୍ଧକ, ସମବାୟ ସମିତି ସମୂହ ଓଡ଼ିଶା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାର "ନୋଡାଲ ଅଫିସର" (Nodal Officer) ଭାବେ କାର୍ଯ୍ୟ ନିର୍ବାହ କରିବେ।

(ଖ) ସଂପୃକ୍ତ PACS/LAMPCS ଗୁଡିକ ଏହି ଅଫିସ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ନିର୍ବାହି ସଂସ୍ଥା (Executing Agency) ରୂପେ କାର୍ଯ୍ୟ କରିବେ ।

(ଗ) ସଂପୃକ୍ତ ସହକାରୀ ନିବନ୍ଧକ / ଉପନିବନ୍ଧକ ସମବାୟ ସମିତି ସମୁହ ଏହି ପ୍ରକଳ୍ପର ତଦାରଖକାରୀ / ସମନ୍ୱୟକାରୀ (Monitor / Coordinate) ଭାବେ କାର୍ଯ୍ୟ କରିବା ସହ ସମିତିମାନଙ୍କର ନାମରେ ଆବଶ୍ୟକ ଜମିର ବନ୍ଦୋବସ୍ତ କରିବା ପାଇଁ ସୁନିଶ୍ଚିତ କରିବେ ।

### [illegible] ସଂସ୍ଥାର ଦାୟିତ୍ୱ ଓ ଭୂମିକା (Duties & Role of Executing Agency) :

(କ) ଅଫିସ୍ ଗୃହ ନିର୍ମାଣ ନିମନ୍ତେ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଅନୁଦାନ ଅର୍ଥ ସମିତିର ଗୃହନିର୍ମାଣ ପାଇଁ ଉଦ୍ଦିଷ୍ଟ ସତନ୍ତ୍ର ଏକ ଜମା ଖାତାରେ ଜମା କରିବେ।

(ଖ) ଓଡ଼ିଶା ରାଜ୍ୟ କୃଷି ବିପଣନ ଦ୍ୱାରା ପ୍ରସ୍ତୁତ ହୋଇଥିବା ନିର୍ଦ୍ଦିଷ୍ଟ ମାନ ନକ୍ସା, ରେଖାଙ୍କ ଓ ଖର୍ଚ୍ଚ ଅଟକଳରେ ଏବଂ guidelines ଅନୁଯାୟୀ ସମିତି ଗୃହ ନିର୍ମାଣ ନିଷ୍ପତି ସମ୍ପୃକ୍ତ ସମିତିର ପରିଚାଳନା ପରିଷଦ ନିଷ୍ପତି ନେବା ସହ କାର୍ଯ୍ୟ ପୂର୍ବରୁ ସଂପୃକ୍ତ ଉପନିବନ୍ଧକ ସମବାୟ ସମିତି ସମୂହଙ୍କ ଅନୁମୋଦନ ନେବା ଆବଶ୍ୟକ ।

(ଗ) ସମିତିର ଏହି ଅଫିସ ଗୃହ ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ଏକ କମିଟି ଗଠନ ହେବ ଏବଂ ସେହି କମିଟିରେ ସଂପୃକ୍ତ ସମିତିର ସଭାପତି, ପରିଚାଳନା ପରିଷଦର ଏକ ଜଣ ସଭ୍ୟ, ସଂପୃକ୍ତ ଅଞ୍ଚଳର ଶାଖା ପରିଚାଳକ ଓ ସମବାୟ ସମ୍ପ୍ରସାରଣ ଅଧିକାରୀ ସଭ୍ୟ ଭାବେ ରହିବେ । ଯଦି ସମବାୟ ସଂପ୍ରସାରଣ ଅଧିକାରୀ ପଦବୀ ଖାଲି ଥାଏ ତେବେ ସଂପୃକ୍ତ ଅଞ୍ଚଳର ସହକାରୀ ନିବନ୍ଧକ, ସମବାୟ ସମିତି ସମବାୟ ନିରିକ୍ଷକ କିମ୍ବା SARCS ଙ୍କୁ ମନୋନୀତ କରିବେ ।

(ଘ) ସଂପୃକ୍ତ ସମିତିର ସମ୍ପାଦକ ନିର୍ମାଣ ଜନିତ ସମସ୍ତ କାଗଜାତ ଓ ଖର୍ଚ୍ଚର ବିବରଣୀ ରଖିବା ସହ ଏହି କମିଟି ନିକଟରେ ଏଥିନିମନ୍ତେ ଦାୟୀ ରହିବେ ।

(ଙ) କୌଣସି ପରିସ୍ଥିତିରେ ସମିତିର କୌଣସି ପଦାଧିକାରୀ କିମ୍ବା କମିଟିର ସଭ୍ୟଙ୍କୁ ଏହି ଅଫିସ ଗୃହ ନିର୍ମାଣ ଜନିତ କାର୍ଯ୍ୟ ପାଇଁ ଅଗ୍ରିମ ଦିଆଯାଇ ପାରିବ ନାହିଁ କିମ୍ବା ଏହି ଅର୍ଥ ଅନ୍ୟ ଉଦ୍ଦେଶ୍ୟରେ ବିନିଯୋଗ କରିପାରିବେ ନାହିଁ । ମାତ୍ର ପ୍ରାପ୍ୟ ପ୍ରଦାନ କେବଳ Vouchers / Bills ଅନୁଯାୟୀ ଦେବା ସହ ମଜୁରୀ ପ୍ରାପ୍ୟ ପ୍ରଦାନ ନିମନ୍ତେ Muster Roll ପ୍ରସ୍ତୁତ କରିବେ ।

(ଚ) ଏଥି ନିମନ୍ତେ ଗଠିତ କମିଟି ଅନ୍ତତଃ ପ୍ରତି ୧୫ ଦିନ ବ୍ୟବଧାନରେ ସମିତିର ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ନିର୍ମାଣ କାର୍ଯ୍ୟର ତର୍ଜମା କରିବେ ଏବଂ ଏଥିନିମନ୍ତେ ସମିତିର ସଂପାଦକ ବୈଠକ ଆହ୍ୱାନ କରିବେ । ସମିତିର ସମ୍ପାଦକ ଏହି ନିର୍ମାଣ କାର୍ଯ୍ୟର ପ୍ରଗତି ବିବରଣୀ ବିସ୍ତୃତଭାବେ ଯଥା କାର୍ଯ୍ୟର ଅଗ୍ରଗତି, ଖର୍ଚ୍ଚ ବିବରଣୀ ଆଦରି ସୂଚନା ସଂପୃକ୍ତ ARCS/DRCS ଙ୍କୁ ପ୍ରତିମାସରେ ପ୍ରେରଣ କରିବେ ।

(ଛ) ବ୍ଲକ୍ ଅଞ୍ଚଳରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗ ଯଥା ପଞ୍ଚାୟତୀ ରାଜ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତବିଭାଗ, ଜଳସେଚନ କିମ୍ବା ଓଡ଼ିଶା ରାଜ୍ୟ ବିପଣନ ପରିଷଦର ଜୁନିୟର କିମ୍ବା ସରକାରୀ ଯନ୍ତ୍ରୀମାନଙ୍କୁ ଏହି କାର୍ଯ୍ୟର ତଦାରଖ ଓ ପରାମର୍ଶ ଦେବାପାଇଁ ଅନୁରୋଧ କରିବେ । ବିଶେଷତଃ ମୂଳଦୁଆ ଓ ଛାତ ଲୁହାଛଡ ବନ୍ଧାଇ ଓ ଏହାର ଢଳାଇ ବେଳେ ଯନ୍ତ୍ରୀଙ୍କ ଉପସ୍ଥିତି ପ୍ରତି ସୁନିଶ୍ଚିତ କରିବେ ।

(ଜ) ନିର୍ମାଣ କାର୍ଯ୍ୟ ସମାପ୍ତି ପରେ ଏହି ଉପରୋକ୍ତ ବିଭାଗମାନଙ୍କ ଯନ୍ତ୍ରୀମାନଙ୍କ ଦ୍ୱାରା Check measurement କରି ଏହାର ଏକକିତା ନକଲ କମିଟିର ସଭ୍ୟମାନଙ୍କ ପ୍ରତିପକ୍ଷ ଦସ୍ତାକ୍ଷର ଥାଇ ସଂପୃକ୍ତ ARCS ଅଫିସରେ ଦାଖଲ କରିବେ ।

(ଝ) କାର୍ଯ୍ୟ ନିର୍ବାହୀ ସଂସ୍ଥା (PACS) ଏହି ଅନୁଦାନ ସଂପୂର୍ଣ୍ଣ ବିନିଯୋଗ କରି ଏହାର ବିନିଯୋଗ ପ୍ରମାଣ ପତ୍ର (OGFR Rule & Form) ସଂପୃକ୍ତ ଅଞ୍ଚଳ ARCS ଏବଂ DRCS ଙ୍କ ପ୍ରତିପକ୍ଷ ହସ୍ତାକ୍ଷର ସହ ଏକ ନିର୍ଦ୍ଦିଷ୍ଟ ଫରମାଟ୍‌ରେ ଏହି କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ଏବଂ ସମ୍ପୂର୍ଣ୍ଣ ଅଫିସଗୃହର Photograph କାର୍ଯ୍ୟ ସମାପ୍ତିର ଏକ ମାସ ମଧ୍ୟରେ ନିବନ୍ଧକ ସମବାୟ ସମିତି ସମୂହ ଓଡ଼ିଶାଙ୍କ ନିକଟକୁ ପ୍ରେରଣ କରିବେ ।

(ଞ) ଯଦି କେଉଁ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ ହୋଇନପାରିବ ତେବେ ଏହି ଅର୍ଥ ସୁଧ ସହ ଫେରସ୍ତ ଦିଆଯିବ ।

## ୭. ନିର୍ମାଣର ଗୁଣବତ୍ତା ନିୟନ୍ତ୍ରଣ (Quality Control) :-

ସମିତି ଅଫିସ୍ ଗୃହ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ସଂପୃକ୍ତ କାର୍ଯ୍ୟନିର୍ବାହୀ ସଂସ୍ଥାର ଦାୟିତ୍ୱ ଅଟେ । ନିର୍ମାଣ କାର୍ଯ୍ୟ ମଧ୍ୟରେ ସଂପୃକ୍ତ ARCS/DRCS ଏବଂ ଯନ୍ତ୍ରୀ ନିର୍ମାଣର ଗୁଣବତ୍ତା ତନଖି କରିପାରିବେ । ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପରେ, ସେହି

କାର୍ଯ୍ୟ ପାଇଁ ପରବର୍ତ୍ତୀ ବର୍ଷମାନଙ୍କରେ ସରକାରୀ ଆର୍ଥିକ ସହାୟତା ମିଳିବ ନାହିଁ ଏବଂ ଏହାର ପରବର୍ତ୍ତି ରକ୍ଷଣାବେକ୍ଷଣ ସମିତି ନିଜସ୍ୱ ସମ୍ବଳରୁ ବହନ କରିବେ ।

୭. ସମୟ ସୀମା ନିର୍ଦ୍ଧାରଣ :- (Time Scheduled)

ଏହି ଅଫିସ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନିମନ୍ତେ ୪ ମାସ ରଖାଯାଇଅଛି । କୌଣସି ପରିସ୍ଥିତିରେ ଏହି ଅଫିସଗୃହ ବ୍ୟବହାର ନ ହେବା କିମ୍ବା ନିର୍ମାଣ ଅସମ୍ପୂର୍ଣ୍ଣ ରହିବା ସମିତିର ପରିଚାଳନା କର୍ତ୍ତୃପକ୍ଷ ଦାୟୀ ରହିବେ ଏବଂ ଏହି ଅର୍ଥ ଆଦାୟ ଯୋଗ୍ୟ ଦର୍ଶାଯିବ ।

୮. କାର୍ଯ୍ୟାନ୍ୱୟନକାରୀଙ୍କ ଭୂମିକା (Role of Implementing Agency) :-

କ) ନିବନ୍ଧକ, ସମବାୟ ସମିତି ସମୂହ ଓଡ଼ିଶା ଏହି ଯୋଜନାରେ ନିର୍ମାଣ ହୋଉଥିବା ଅଫିସଗୃହର ସମିତିର ଜମିର ମାଟିର ମାନ ନେଇ ହେଉଥିବା Engineering Cell of OSAM Board ଦ୍ୱାରା ପ୍ରସ୍ତୁତ Model Plan ର କୌଣସି ନକ୍ସା ଓ ଖର୍ଚ୍ଚ ଅଟକଳର ପ୍ରଭେଦ / ପୁନରୀକ୍ଷଣ କିମ୍ବା Check measurement ଅନୁଯାୟୀ ଅଧିକ ଖର୍ଚ୍ଚ / ପ୍ରାପ୍ୟ ପ୍ରଦାନ ପାଇଁ ଆବଶ୍ୟକ ଅନୁମୋଦନ ନିମନ୍ତେ ସଂପୃକ୍ତ ଉପନିବନ୍ଧକ ସମବାୟ ସମିତି ସମୂହଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତରିତ କରିବା ପାଇଁ କ୍ଷମତାପନ୍ନ ଅଧିକାରୀ ଅଟନ୍ତି । ଏଥିନିମନ୍ତେ ସ୍ଥାନୀୟ ଯନ୍ତ୍ରୀଙ୍କ ଅନୁମୋଦନ ନିତ୍ୟାନ୍ତ ଭାବେ ଆବଶ୍ୟକ ।

ଖ) ନିବନ୍ଧକ, ସମବାୟ ସମିତି ସମୂହ ଓଡିଶା "ନୋଡାଲ ଅଫିସର" ଭାବେ ଏହି ଯୋଜନାରେ ହେଉଥିବା ସମସ୍ତ ପ୍ରକଳ୍ପ ଅନୁମୋଦିତ ଖର୍ଚ୍ଚ ଅଟକଳ ଓ ନିୟମ ଅନୁଯାୟୀ ସମ୍ପନ୍ନ କରିବା ପାଇଁ ସୁନିଶ୍ଚିତ କରାଇବେ ।